# ପାଠ-୧ ୨

# କାଠ

**STUDY NOTES**

## MIND MAP



**ସୃଜନାଭିମୁଖ୍ୟ**

ଆଜିର ଦୈନନ୍ଦିନ ଜୀବନରେ ଘଟୁଥିବା ପ୍ରବହମାନ ଘଟଣାବଳୀ ଚକ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅବହେଳିତ, ନିଷ୍ପେଷିତ, ଲୁଣ୍ଠିତ ଓ ଅତ୍ୟାଚାରିତ ସମାଜର ନିମ୍ନବର୍ଗ ବ୍ୟକ୍ତିମାନଙ୍କର ସରଳତାର ସୁଯୋଗ ନେଇ କିଭଳି ଆଧୁନିକ ଉଚ୍ଚବର୍ଗ ସ୍ୱାର୍ଥ ଓ ଶଠତାଦ୍ୱାରା ତାଙ୍କୁ ପ୍ରତାରିତ କରେ ଏବଂ ଚାପା ଗୁଞ୍ଜରିତ ହେଉଥିବା ନିମ୍ନବର୍ଗର ସ୍ୱାଭିମାନର ନିଛକ ପ୍ରତିକ୍ରିୟା କିପରି ଅବଲୋକିତ ହୁଏ, ତାହା କଥାକାର ଗାଳ୍ପିକ ପ୍ରଫେସର ବସନ୍ତ କୁମାର ଶତପଥୀ ଅତି ଚମତ୍କାର ଭାବରେ ମାର୍ମିକ କଥିତ ଭାଷାରେ ଉପସ୍ଥାପନ କରିଛନ୍ତି । ଗାଳ୍ପିକ ଅତି ସୁନ୍ଦର ଭାବରେ କଥାବସ୍ତୁ ମାଧ୍ୟମରେ ଉଚ୍ଚବର୍ଗ ଓ ନିମ୍ନବର୍ଗର କଥୋପକଥନରୁ ସାମ୍ପ୍ରତିକ ସମାଜର ବାସ୍ତବିକ ଚରିତ୍ରର ଚିତ୍ରଣ କରିଛନ୍ତି । ଉଚ୍ଚବର୍ଗ ନିମ୍ନବର୍ଗ ପ୍ରତି ଥିବା ହୀନ ଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟବହାର କିଭଳି ମାଟି ମାଆର ନିପଟ ଏକ ଆଦିବାସୀ ସମାଜର ଏକ କାଠ ହଣାଳି/ ଚିରାଳିର ମନୋଭାବରେ ଗଭୀର ରେଖାପାତ କଲା ଏବଂ ତା' ଅନ୍ତରର ଅଭିବ୍ୟକ୍ତି ମାଧ୍ୟମରେ ନିଜର ସଚ୍ଚୋଟପଣିଆ ଓ ସ୍ୱାଭିମାନ ସମୃଦ୍ଧ ବ୍ୟକ୍ତିର ପରିଚୟ ଦେଲା, ତାହା କଥାକାର ତଥା ବିଶିଷ୍ଟ ଗାଳ୍ପିକଙ୍କ ଗଳ୍ପ "କାଠ" ରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ।

**ଗଳ୍ପର ସାରକଥା**

'କାଠ' ଗଳ୍ପରେ କଥାକାର ବସନ୍ତ କୁମାର ଶତପଥୀ, ତଥାକଥିତ ସଭ୍ୟ ଓ ନିଜକୁ ଚାଲାକ ବୋଲାଉଥିବା ମଣିଷଙ୍କର ସୁବିଧାବାଦୀ ଚିନ୍ତାଧାରାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଅପରପକ୍ଷରେ ଯେଉଁମାନେ ପରିଶ୍ରମ କରି ବଂଚିବାର ସାମର୍ଥ୍ୟ ସଂଗ୍ରହ କରନ୍ତି, ସେମାନଙ୍କ ହୃଦୟରେ ରହିଥିବା ସରଳ ଭାବକୁ, ସେ ଅତି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ଖଟି ଖାଉଥିବା, ପରିଶ୍ରମ କରି ଦୁଇ ପଇସା ରୋଜଗାର କରୁଥିବା ମଣିଷମାନେ, ଦିହ ମେହନତ କରି ବଂଚନ୍ତି, ହେଲେ ସେମାନଙ୍କର ସ୍ୱାଭିମାନକୁ ସେମାନେ କେବେହେଲେ ତଳେ ପକାଇଦେବାକୁ ଚାହାଁନ୍ତି ନାହିଁ । ସହଜ ସରଳଭାବରେ ପରିଶ୍ରମ କରି ମୂଲ ମାଗନ୍ତି, ଠକି କିମ୍ବା ଧପେଇ ନେବାକୁ ଉଚିତ ମନେକରନ୍ତି ନାହିଁ । ଯେତେବେଳେ ସେମାନଙ୍କୁ କେହି ମୂଲଚାଲ କରି ଠକିବାକୁ ଚାହେଁ, ସେତେବେଳେ ସେମାନେ ସବୁକିଛି ଛାଡ଼ିଦେଇ ଯିବାକୁ ସୁଦ୍ଧା ପଛାନ୍ତି ନାହିଁ । ଗଳ୍ପଟିରେ ଗାଳ୍ପିକ ସାମ୍ପ୍ରତିକ ସଭ୍ୟ ମଣିଷମାନଙ୍କର ସଂକୀର୍ଣ୍ଣ ବିଚାରବୋଧକୁ ଦେଖାଇଦେବାକୁ ଚେଷ୍ଟା କରିଛନ୍ତି ।